ଅମ୍ବାଲା ସରାଭାଇ ଏଣ୍ଟରପ୍ରାଇଜେସ୍ ଲିମିଟେଡ଼ ଏବଂ ଅନ୍ୟମାନେ

ବନାମ

ପ୍ରକାଶ ଚନ୍ଦ୍ର ଆର୍ଯ୍ୟ

ଡିସେମ୍ବର 18, 1996

[କେ. ରାମାସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ଦେୱାନୀ ପ୍ରକ୍ରିୟା ସଂହିତା, 1908 : ଆଦେଶ 40 ନିୟମ 1 ।*

*ତତ୍ତ୍ୱାବଧାରକ- ଉଚ୍ଚ ନ୍ୟାୟାଳୟରେ ଅପିଲ ବିଚାରାଧୀନ - ଖଣ୍ଡପୀଠ ତତ୍ତ୍ୱାବଧାରକ ନିଯୁକ୍ତ କରୁଥିବା ଏକକ ବିଚାରପତିଙ୍କ ଆଦେଶରେ ହସ୍ତକ୍ଷେପ କରିବାକୁ ମନା କରିଦେଇଥିଲେ- ସର୍ବୋଚ୍ଚ ନ୍ୟାୟାଳୟ ତତ୍ତ୍ୱାବଧାରକଙ୍କୁ ଏକ ପକ୍ଷ-ଉତ୍ତରଦାତା କରିବାକୁ ଅନୁମତି ପ୍ରଦାନ କରିଛନ୍ତି- ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ପରିସରର ଦଖଲ ନଦେବାକୁ ରିସିଭରଙ୍କୁ ନିର୍ଦ୍ଦେଶ ଜାରି କରାଯାଇଛି- ଅପିଲକାରୀଙ୍କ ଯୁକ୍ତି ଯେ, ବିଆଇଏଫ୍ଆର୍ ସମ୍ମୁଖରେ ଏକ ବୁଝାମଣା ସ୍ମାରକପତ୍ର ଥିଲା ଯେଉଁଥିରେ ଏକ ସଂସ୍ଥା ଏବଂ ସହଯୋଗୀମାନେ ପ୍ରତିବାଦୀ- ରୟତଙ୍କ ଅଚଳ ଶିଳ୍ପକୁ ପୁନର୍ଜୀବିତ କରିବାକୁ ଦାୟିତ୍ୱ ନେଇଥିଲେ- ଯଦି ଉକ୍ତ ସଂସ୍ଥାକୁ ରିସିଭରଙ୍କ ନିର୍ଦ୍ଦେଶ ଏବଂ ନିୟନ୍ତ୍ରଣରେ କାମ କରିବା ପାଇଁ ଅଚଳ ଶିଳ୍ପକୁ ପୁନରୁଦ୍ଧାର କରିବାକୁ ଅନୁମତି ଦିଆଯାଏ, ତେବେ ଏହା ଉତ୍ତରଦାତା-ଜମିମାଲିକଙ୍କ ସ୍ୱାର୍ଥରେ କୌଣସି ପ୍ରତିବନ୍ଧକ ସୃଷ୍ଟି କରିନପାରେ – ଦର୍ଶାଯାଇଛି ଏହି ପର୍ଯ୍ୟାୟରେ ପ୍ରଶ୍ନ ଭିତରକୁ ଯିବା ବାଞ୍ଛନୀୟ ନୁହେଁ- ପକ୍ଷମାନଙ୍କୁ ଖଣ୍ଡ ପୀଠଙ୍କ ସମ୍ମୁଖରେ ସମଗ୍ର ତଥ୍ୟ ରଖିବାକୁ ଅନୁମତି ଦିଆଯାଇଛି, ଯାହା ଗୁଣବତ୍ତା ଉପରେ ଏହି ମାମଲାକୁ ଯାଞ୍ଚ କରିବ ଏବଂ ଆଇନ ଅନୁଯାୟୀ ନିଷ୍ପତ୍ତି ନେବ ।*

ଦେୱାନୀ ଅପିଲ ଅଧିକରିତା : ଦେୱାନୀ ଅପିଲ ସଂଖ୍ୟା- 16937/ 1996 ।

ଜି.ଏ.ସଂଖ୍ୟା- 3616/1996ରେ କଲିକତା ଉଚ୍ଚ ନ୍ୟାୟାଳୟଙ୍କର ରାୟ ଏବଂ ଆଦେଶ ତା28.11.96ରିଖରୁ।

ଅପିଲକାରୀମାନଙ୍କ ପାଇଁ ଦୀପଙ୍କର ଗୁପ୍ତା, ଉତ୍ପଲ ମଜୁମ୍ଦାର, ସୁଶ୍ରୀ ନଳିନୀ ତ୍ରିପାଠୀ ଏବଂ ଶ୍ରୀମତୀ ସରଲା ଚନ୍ଦ୍ର।

ଉତ୍ତରଦାତାମାନଙ୍କ ପାଇଁ ଜି.ଏସ୍. ଚାଟାର୍ଜୀ, ଯୀଶୁ ସାହା, ରାଜା ଚାଟାର୍ଜୀ ଏବଂ ସନ୍ଦୀପ ଅଗର୍ୱାଲ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ଦିଆଗଲା ।

ବିଶେଷ ଅନୁମତି ଦ୍ୱାରା ଏହି ଅପିଲ ନଭେମ୍ବର 29,1996 ରେ କଲିକତା ଉଚ୍ଚ ନ୍ୟାୟାଳୟଙ୍କର ଜି.ଏ.ସଂଖ୍ୟା. 3616/96 ରେ ଖଣ୍ଡ ପୀଠଙ୍କର ଆଦେଶରୁ ଉତ୍ପନ୍ନ ହୋଇଛି । ଆମେ ଏହି ମାମଲାର ଗୁଣବତ୍ତା ଭିତରକୁ ଯିବାକୁ ମନା କରୁଛୁ । ଏହା କହିବା ଯଥେଷ୍ଟ ଯେ, ଅପିଲ ବିଚାରାଧୀନ ଥିବାବେଳେ ଖଣ୍ଡ ପୀଠ ଜଣେ ତତ୍ତ୍ୱାବଧାରକ ନିଯୁକ୍ତ କରିଥିବା ବିଜ୍ଞ ଏକକ ବିଚାରପତିଙ୍କ ଆଦେଶରେ ହସ୍ତକ୍ଷେପ କରିବାକୁ ମନା କରିଦେଇଥିଲେ । ଯେତେବେଳେ ଏହି ମାମଲା ଶୀଘ୍ର

ଶୁଣାଣି ପାଇଁ ମୁଖ୍ୟ ନ୍ୟାୟାଳୟରେ ଉଲ୍ଲେଖ କରାଯାଇଥିଲା, ଏହି ନ୍ୟାୟାଳୟ ଡିସେମ୍ବର 4, 1996 ରେ ଏକ ଆଦେଶ ପାରିତ କରିଥିଲେ :

> "ତତ୍ତ୍ୱାବଧାରକଙ୍କୁ ଏକ ପକ୍ଷ ଉତ୍ତରଦାତା କରିବା ପାଇଁ ଅନୁମତି ପ୍ରଦାନ କରାଯାଇଛି । ସୂଚନା ରିସିଭର୍ଙ୍କ ପାଖକୁ ଯିବ । ଦସ୍ତି ସେବାକୁ ଅନୁମତି ଦିଆଯାଇଛି । ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ପରିସରର ଦଖଲ କାହାକୁ ନଦେବାକୁ ତତ୍ତ୍ୱାବଧାରକ ନିର୍ଦ୍ଦେଶ ଦେବା ପାଇଁ ଏକ ମଧ୍ୟବର୍ତ୍ତୀକାଳୀନ ଆଦେଶ ରହିବ । ମାମଲାକୁ 18.12.1996 ରେ ତାଲିକାଭୁକ୍ତ କରନ୍ତୁ ।"

ପକ୍ଷମାନଙ୍କୁ ନିଜ ନିଜର ସତ୍ୟପାଠଗୁଡ଼ିକ ଏବଂ ପାଲଟା-ସତ୍ୟପାଠଗୁଡ଼ିକୁ ଦାଖଲ କରିଛନ୍ତି । ତତ୍ତ୍ୱାବଧାରକଙ୍କୁ ମଧ୍ୟ ବିଜ୍ଞପ୍ତି ଜାରି କରାଯାଇଥିଲା, କିନ୍ତୁ ସେ ସତ୍ୟପାଠ ଦାଖଲ କରିନାହାନ୍ତି । ଅପିଲକାରୀମାନଙ୍କ ତରଫରୁ ଦାଖଲ ହୋଇଥିବା ସତ୍ୟପାଠରେ ସେମାନେ ପରିସ୍ଥିତିରେ କେତେକ ପରିବର୍ତ୍ତନ ବିଷୟରେ ଉଲ୍ଲେଖ କରିଥିଲେ, ଯାହା ଆଧାରରେ ବିଜ୍ଞ ବରିଷ୍ଠ ଅଧିବକ୍ତା, ଶ୍ରୀ ଦୀପଙ୍କର ଗୁପ୍ତା ଯୁକ୍ତି ବାଢ଼ିଥିଲେ ଯେ, ବିଆଇଏଫ୍ଆର୍ ସମ୍ମୁଖରେ ଏକ ବୁଝାମଣା ସ୍ମାରକପତ୍ର ରହିଛି, ଯେଉଁଥିରେ ଜଣେ ଓ.ପି.ମଲ୍ ଏବଂ ସହଯୋଗୀମାନେ ପ୍ରତିବାଦୀ-ପ୍ରଜାଙ୍କ ଅଚଳ ଶିଳ୍ପକୁ ପୁନରୁଦ୍ଧାର କରିବାର ଦାୟିତ୍ୱ ନେଇଥିଲେ । ଯଦି ଉକ୍ତ ସଂସ୍ଥାକୁ ତତ୍ତ୍ୱାବଧାରକଙ୍କ ନିର୍ଦ୍ଦେଶ ଏବଂ ନିୟନ୍ତ୍ରଣରେ କାମ କରିବା ପାଇଁ ଅଚଳ ଶିଳ୍ପକୁ ପୁନରୁଦ୍ଧାର କରିବାକୁ ଅନୁମତି ଦିଆଯାଏ, ତେବେ ଏହା ଉତ୍ତରଦାତା-ଜମିମାଲିକଙ୍କ ସ୍ୱାର୍ଥରେ କୌଣସି ପ୍ରତିବନ୍ଧକ ସୃଷ୍ଟି କରିନପାରେ । ଉକ୍ତ ଆଭିମୁଖ୍ୟକୁ ଉତ୍ତରଦାତାଙ୍କ ତରଫରୁ ହାଜର ହୋଇଥିବା ବିଜ୍ଞ ଅଧିବକ୍ତାଙ୍କ ଦ୍ୱାରା ବିରୋଧ କରାଯାଇଥିଲା । ଏହି ମାମଲାରେ ସେହି ଦୃଷ୍ଟିକୋଣରୁ, ଆମେ ଭାବୁଛୁ ଯେ, ଏହି ପର୍ଯ୍ୟାୟରେ ପ୍ରଶ୍ନ ଭିତରକୁ ଯିବା ବାଞ୍ଛନୀୟ ନୁହେଁ । ଖଣ୍ଡ ପୀଠ ସମ୍ମୁଖରେ ସମ୍ପୂର୍ଣ୍ଣ ତଥ୍ୟକୁ ରଖିବା ପକ୍ଷମାନଙ୍କ ପାଇଁ ଖୋଲା ରହିବ, ଯିଏ ଏହି ମାମଲାରେ ଗୁଣବତ୍ତା ଉପରେ ବିଚାର କରିବେ ଏବଂ ଆଇନ ଅନୁଯାୟୀ ନିଷ୍ପତ୍ତି ନେବେ ।

ଏହି ତଥ୍ୟକୁ ଧ୍ୟାନରେ ରଖି ଯେ, ଶିଳ୍ପକୁ ପୁନରୁଦ୍ଧାର କରିବାର ଆବଶ୍ୟକତା ଅଛି, ଆମେ ଭାବୁଛୁ ଯେ, ଏହା ଉଚିତ ହେବ ଯେ, ଖଣ୍ଡ ପୀଠରେ ବିଚାରାଧୀନ ଅପିଲକୁ ଶୀଘ୍ର ପରିସମାପ୍ତି କରାଯିବ । ତେଣୁ, ଆମେ ବିଜ୍ଞ ମୁଖ୍ୟ ନ୍ୟାୟଧୀଶଙ୍କୁ ଅନୁରୋଧ କରୁଛୁ ଯେ, ସେମାନେ ଜି.ଏ.ସଂଖ୍ୟା. 3616/96 ଏବଂ ସଂଯୁକ୍ତ ଅପିଲ ଏପିଓଟି ସଂଖ୍ୟା. 626/96 କୁ 6 ଜାନୁଆରୀ, 1997 ରୁ 9 ଜାନୁଆରୀ, 1997 ମଧ୍ୟରେ ଯେକୌଣସି ତାରିଖରେ ଚୂଡ଼ାନ୍ତ ସମାଧାନ ପାଇଁ ଉପଯୁକ୍ତ ଖଣ୍ଡ ପୀଠଙ୍କ ସମ୍ମୁଖରେ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦିଅନ୍ତୁ ।

ସେହି ଅନୁସାରେ ଆପିଲକୁ ପରିସମାପ୍ତି କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଟି.ଏନ୍.ଏ.

ଅପିଲକୁ ପରିସମାପ୍ତି କରାଯାଇଛି ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା :**

**ଶ୍ରୀମତୀ ଲୋପାମୁଦ୍ରା ମହାନ୍ତି**

**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**